بِسۡمِ اللّٰہِ الرَّحۡمٰنِ الرَّحِیۡمِ

଼୮ ଏପ୍ରେଲ ୨୦୨୨ ଖୁତବା ଜୁମାର ସାରାଂଶ
ସ୍ଥାନ – ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ

**ପବିତ୍ର ରମଜାନ ମାସ ପରିପ୍ରେକ୍ଷୀରେ ପ୍ରାର୍ଥନାକୁ ଗ୍ରହଣ କରିବାର ସର୍ତ୍ତାବଳୀ ଏବଂ ତାହାର ଦର୍ଶନ ପ୍ରସଙ୍ଗରେ ମନମସ୍ତିସ୍କକୁ ଦୀପ୍ତିମୟ କରି ଦେଉଥିବା ହଜରତ ମସିହ ମଉଦ [ଅ.ସ]ଙ୍କର ଅମୂଲ୍ୟ ଉପଦେଶାବଳୀର ଚର୍ଚ୍ଚା ।**

ଅଶ୍ହଦୁ ଅଲ୍ଲା ଇଲାହା ଇଲ୍ଲଲ୍ଲାହୁ ୱହ୍ଦହୁ ଲାଶରିକା ଲହୁ ୱଅଶ୍ହଦୁ ଅନ୍ନା ମୁହମ୍ମଦନ୍ ଅବ୍ଦୁହୁ ୱରସୁଲୁହୁ ଅମ୍ମା ବାଦ୍ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍ରଜିମ୍ । ବିସ୍ମିଲ୍ଲା ହିର୍ ରହେମା ନିର୍ରହିମ୍ । ଅଲ୍ହମ୍ଦୁ ଲିଲ୍ଲାହି ରବ୍ବିଲ୍ ଆଲମିନ୍ ଅର୍ରହମା ନିର୍ରହିମ୍ । ମାଲିକି ୟୌମିଦ୍ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍ତଇନ୍ । ଇହ୍ଦିନସ୍ ସିରାତଲ୍ ମୁସ୍ତକିମ୍ ସିରାତଲ୍ ଲଜିନା ଅନ୍ଅମ୍ତା ଅଲୈହିମ୍ ଗୈରିଲ୍ ମଗ୍ଯୁବି ଆଲୈହିମ୍ ୱଲଜ୍ୱାଲ୍ଲିନ୍ ।

وَ اِذَا سَاَلَکَ عِبَادِیۡ عَنِّیۡ فَاِنِّیۡ قَرِیۡبٌ ؕ اُجِیۡبُ دَعۡوَۃَ الدَّاعِ اِذَا دَعَانِ ۙ
فَلۡیَسۡتَجِیۡبُوۡا لِیۡ وَ لۡیُؤۡمِنُوۡا بِیۡ لَعَلَّہُمۡ یَرۡشُدُوۡنَ ﴿۱۸۷﴾

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ହଜୁର ଅନଓ୍ୱର[ଅ.ବ] ସୁରେଃ ବକରାଃର ଆୟତ ସଂଖ୍ୟା ୧୮୭ର ଆବୃତ୍ତି କଲେ ଏବଂ ତାହାର ଅନୁବାଦ ଉପସ୍ଥାପନ କଲେ; ଏବଂ (ହେ ରସୁଲ !) ଯେବେ ଆମ ଭକ୍ତମାନେ ତୁମଙ୍କୁ ଆମ ସଂକ୍ରାନ୍ତରେ ପ୍ରଶ୍ନ କରିବେ, ତେବେ (କୁହ) ଆମ୍ଭେ ସେମାନଙ୍କ ନିକଟରେ ଅଛୁ । ପ୍ରାର୍ଥନକାରୀ ଯେବେ ବି ଆମ୍ଭଙ୍କୁ ପ୍ରାର୍ଥନା କରେ ଆମ୍ଭେ ତାହାର ପ୍ରାର୍ଥନାକୁ ଗ୍ରହଣ କରିଥାଉ । ସୁତରାଂ ଆମର ଆଦେଶ ଗ୍ରହଣ କରିବା ଓ ଆମ ଉପରେ ବିଶ୍ୱାସ ସ୍ଥାପନ କରିବା ସେମାନଙ୍କ ପକ୍ଷେ ବିଧେୟ, ଫଳରେ ସେମାନେ ସତ୍ପଥଗାମୀ ହେବେ । ସେଥିଅନ୍ତେ ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ଅଲ୍ଲାଃତାଲାଙ୍କ ଅଶେଷ ଦୟାରୁ ଆମ୍ଭେମାନେ ପବିତ୍ର ରମଜାନ ମାସ ମଧ୍ୟ ଦେଇ ଗତି କରୁଅଛେ । ଏହା ଏକ ପ୍ରାର୍ଥନା ଗ୍ରହଣୀୟ ମାସ । ଅଲ୍ଲାଃତାଲା ଏହି ମାସରେ ବିଶେଷ କୃପା ଅବତୀର୍ଣ୍ଣ କରିଥାନ୍ତି । ଏହି ମାସରେ ମନୁଷ୍ୟ ନିଜର ପ୍ରତ୍ୟେକ କାର୍ଯ୍ୟ ପରମେଶ୍ୱରଙ୍କ ପ୍ରୀତିଭାଜନ ଲାଭ କରିବା ଉଦ୍ଦେଶ୍ୟରେ ସମ୍ପାଦନ କରିଥାଏ । ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ[ସ.ଅ] କହିଲେ; ଅଲ୍ଲାଃତାଲା ପବିତ୍ର କୁରଆନରେ କହିଛନ୍ତି, **ଏହି ମାସରେ ବୈକୁଣ୍ଠର ଦ୍ୱାର ଉନ୍ମୁକ୍ତ କରି ଦିଆଯାଇଥାଏ ଏବଂ ନର୍କର ଦ୍ୱାର ବନ୍ଦ କରି ଦିଆଯାଇଥାଏ ତଥା ଶୈତାନକୁ କବଳିତ କରି ଦିଆଯାଏ ।** ସାମାନ୍ୟ ଅବସ୍ଥାରେ ତ ସେ ସ୍ୱାଧୀନ ଭାବରେ ଚଳଚଂଚଳ ରହିଥାଏ । କିନ୍ତୁ ରମଜାନ ମାସରେ ତାହାକୁ ବାନ୍ଧି ଦିଆ ଯାଇଥାଏ । ଅଲ୍ଲାଃତାଲା ନିଜ ସକାଶେ ଉପବାସ କରୁଥିବା ବ୍ୟକ୍ତିଙ୍କୁ ପୂର୍ଣ୍ଣ ରୂପେ ନିଜ ସୁରକ୍ଷା ବଳୟ ମଧ୍ୟରେ ରଖିଥାନ୍ତି । ଯେପରିକି ସେ କୁହନ୍ତି; ରୋଜାଦାର (ବ୍ରତ ପାଳନକାରୀ)ଙ୍କ ପ୍ରତିଫଳ ମୁଁ ସ୍ୱୟଂ ହୋଇ ଯାଇଥାଏ । ଏହା କେତେ ବଡ଼ ସୁସମାଚାର ।

ଉପରେ ମୁଁ ଯେଉଁ ଆୟତ ଆବୃତ୍ତି କରି ଆସିଲି ସେଥିରେ ରମଜାନ (ମୁସଲମାନମାନଙ୍କ ଉପରେ) ବାଧ୍ୟତାମୂଳକ ହେବା, ତାହାର ଗୁରୁତ୍ୱ, ନିର୍ଦ୍ଦେଶାବଳୀ ଓ ରୋଜା ରଖିବା ଅନିବାର୍ଯ୍ୟ ପ୍ରସଙ୍ଗରେ ବର୍ଣ୍ଣନା କରାଯାଇଥିବା ଆୟତ ମଧ୍ୟରୁ ଗୋଟିଏ ଆୟତ । ଯେଉଁଥିରେ ପ୍ରଭୁ ପ୍ରାର୍ଥନାକୁ ଗ୍ରହଣ କରିବାର ଉପାୟ (ସୂତ୍ର) ଦର୍ଶାଇଛନ୍ତି । ଏବଂ ସେହି ଲୋକମାନଙ୍କ ପ୍ରସଙ୍ଗରେ ବର୍ଣ୍ଣନା କରାଯାଇଛି ଯେ ପରମେଶ୍ୱରଙ୍କ (ସଚ୍ଚୋଟ) ଭକ୍ତ ଅଥବା ଯେ ପରମେଶ୍ୱରଙ୍କ ଭକ୍ତ ହେବାକୁ ପ୍ରୟାସ କରିଥାନ୍ତି । ଅଲ୍ଲାଃତାଲା କୁହନ୍ତି; **ବିଚଳିତ ହୁଅ ନାହିଁ । ମୁଁ ତୁମମାନଙ୍କ ନିକଟରେ ଅଛି ।** ମୋର ସମସ୍ତ ଗୁଣାବଳୀ ଉପରେ ପୂର୍ଣ୍ଣ ଆସ୍ଥା ପୋଷଣ କରିବା ପରେ ଦେଖ କିଭଳି ତୁମ ପ୍ରାର୍ଥନାଗୁଡ଼ିକ ସ୍ୱୀକୃତ ଲାଭର ସ୍ତରରେ ଉପନୀତ ହେଉଛି ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; **ପରାକ୍ରମୀ ଅଲ୍ଲାଃତାଲା ଯେଉଁ ଦ୍ୱାର ନିଜ ଭକ୍ତମାନଙ୍କ ମଙ୍ଗଳ ସକାଶେ ଖୋଲି ଦେଇଛନ୍ତି ତାହା ମାତ୍ର ଗୋଟିଏ ଅର୍ଥାତ ଦୁଆ ପ୍ରାର୍ଥନା ।** ଯେତେବେଳେ ଜଣେ ବ୍ୟକ୍ତି ଆତୁରତାର ସହିତ ତାଙ୍କ ଦ୍ୱାରରେ ପ୍ରବେଶ କରେ ସେତେବେଳେ ଐଶ୍ୱର୍ଯ୍ୟମୟ ପ୍ରଭୁ ତାହାକୁ ପବିତ୍ର ଓ ସ୍ୱଚ୍ଛତାର ଚଦର ଘୋଡ଼ାଇ ଦେଇଥାନ୍ତି ।

ପ୍ରାର୍ଥନାକୁ ଗ୍ରହଣ ଯୋଗ୍ୟ କରିବା ସକାଶେ କିଭଳି ଅବସ୍ଥା ଉତ୍ପନ୍ନ କରିବା ଆବଶ୍ୟକ ? ଏଥିସଂକ୍ରାନ୍ତରେ ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଯେଉଁ ବ୍ୟକ୍ତି ଅମଳ କରିବା ପ୍ରତି ମନଯୋଗ କରି ନଥାଏ ସେ ପ୍ରାର୍ଥନା ହିଁ କରି ନଥାଏ । ତେଣୁ ପ୍ରାର୍ଥନା କରିବା ପୂର୍ବରୁ ନିଜର ସମସ୍ତ ସାମର୍ଥ୍ୟ ବିନିଯୋଗ କରିବା ନିତ୍ୟାନ୍ତ ଜରୁରୀ ।

ଏହି ପରିପ୍ରେକ୍ଷୀରେ ଅଲ୍ଲାଃତାଲା ପବିତ୍ର କୁରଆନରେ କହିଛନ୍ତି, وَالَّذِينَ جَاهَدُوا فِينَا لَنَهْدِيَنَّهُمْ سُبُلَنَا ଅର୍ଥାତ ଯେଉଁମାନେ ଆମ୍ଭ ସହିତ ମିଳିତ ହେବା ପାଇଁ ଉଦ୍ୟମ କରନ୍ତି, ଆମ୍ଭେ ସେମାନଙ୍କୁ ନିଶ୍ଚୟ ଆମ୍ଭ ପଥ ପ୍ରତି ମାର୍ଗଦର୍ଶନ କରାଇବୁ । ସୁତରାଂ ଏହି ପବିତ୍ର ରମଜାନ ମାସ ବିଶେଷ ଜେହାଦ୍ (ସ୍ୱୟଂକୁ ସଂଶୋଧନ) କରିବାର ସୁବର୍ଣ୍ଣ ସୁଯୋଗ ଉପଲବ୍ଧକାରୀ ମାସ ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଭଲା ଏହା କିଭଳି ସମ୍ଭବ ଯେ ଯେଉଁ ବ୍ୟକ୍ତି ଅତି ଅସାବଧାନତାର ସହିତ ଅଳସୁଆମି ପ୍ରଦର୍ଶନ କରି ପ୍ରଭୁଙ୍କ ଠାରୁ ସେହିପରି ଉପକୃତ ହୋଇଯିବ ଯେପରି ସେହି ବ୍ୟକ୍ତି ନିଜର ସମସ୍ତ ବୁଦ୍ଧିଜ୍ଞାନ ଓ ନିଷ୍ଠାର ସହିତ ନିଜ ସୃଷ୍ଟିକର୍ତ୍ତାଙ୍କର ଅନୁସନ୍ଧାନ କରି ଉପକୃତ ହୋଇଥାଏ ।

ସୁତରାଂ ପ୍ରାର୍ଥନା ଗ୍ରହଣ ହେବା ସକାଶେ ମଧ୍ୟ ସର୍ବପ୍ରଥମେ ନିଜ ଅବସ୍ଥା ପରିବର୍ତ୍ତନ କରିବା ସଙ୍ଗେସଙ୍ଗେ ପରମେଶ୍ୱରଙ୍କ ଆଡ଼କୁ ଅଗ୍ରସର ହେବା ଜରୁରୀ । ହଜରତ ମୁହମ୍ମଦ[ସ.ଅ] କହିଲେ; ଅଲ୍ଲାଃତାଲା କହିଛନ୍ତି ଯେତେବେଳେ ଭକ୍ତ ଆମ୍ଭ ଆଡ଼କୁ ଗୋଟିଏ ପାଦ ବଢ଼ାଏ ସେତେବେଳେ ଆମ୍ଭେ ତାହା ଆଡ଼କୁ ଦୌଡ଼ି ଯାଇଥାଉ । ସୁତରାଂ ପରମେଶ୍ୱର ଆମ୍ଭ ଉପରେ ଏଭଳି ଦୟାଶୀଳ ଯେଉଁଥି ପାଇଁ ନିଷ୍ଠା ଓ ବିଶ୍ୱସ୍ତ ହେବା ସର୍ତ୍ତ ଅଟେ । ଏହା ନୁହେଁ ଯେ ରମଜାନରେ ଦାବି କର ଯେ ଆମେ ନମାଜ ପାଠ କରିବୁ, ପ୍ରଭୁଙ୍କ ଆଦେଶ ପାଳନ କରିନେବୁ ଓ ଭକ୍ତଙ୍କ କର୍ତ୍ତବ୍ୟ ସମ୍ପାଦନ କରିବୁ କିନ୍ତୁ ରମଜାନ ଅତିବାହିତ ହେବା ପରେ ସେ ସମସ୍ତ ଧର୍ମାଦେଶକୁ ପାସୋରି ସାଂସାରିକ କାର୍ଯ୍ୟରେ ନିମର୍ଜ୍ଜିତ ହୋଇଯାଅ । ଏପରି ଅବସ୍ଥାରେ ପରମେଶ୍ୱରଙ୍କ ନିକଟରେ ଅଭିମାନ ଅବା ଅଭିଯୋଗ କରିବା ଉଚିତ୍ ନୁହେଁ । ଈଶ୍ୱର ତ କହିଥାନ୍ତି, ମୁଁ ପ୍ରାର୍ଥନାକାରୀର ପ୍ରାର୍ଥନା ଶୁଣିଥାଏ କିନ୍ତୁ ଲୋକମାନେ ପ୍ରାୟ ଏହି ଅଭିଯୋଗ କରିଥାନ୍ତି ମୋର ତ ଡ଼ାକ (ନିବେଦନ) କେହି ଶୁଣିଲେ ନାହିଁ । ଅଲ୍ଲାଃତାଲା ତ ପ୍ରତି ମୁହୂର୍ତ୍ତରେ ନିଜ ଭକ୍ତକୁ ନିଜ ପ୍ରେମର ଛତ୍ରଛାୟା ତଳେ ଢ଼ାଙ୍କି ରଖିବାକୁ ଚେଷ୍ଟା କରିଥାନ୍ତି । ଭକ୍ତର ତାହା ଆଡ଼କୁ ଗତି କରିବା ତ ତାଙ୍କୁ ଏଭଳି ପ୍ରସନ୍ନିତ କରିଥାଏ ଯେପରି ଏକ ଜନନୀକୁ ତାହାର ହଜି ଯାଇଥିବା ଛୁଆ ପ୍ରାପ୍ତ ହୋଇଗଲେ ଆନନ୍ଦ ଲାଭ ହୋଇଥାଏ ଅଥବା ଜଣେ ମରୁଯାତ୍ରୀର ହଜି ଯାଇଥିବା ଓଟ ଯେଉଁଥିରେ ତାହାର ସମସ୍ତ ଆବଶ୍ୟକୀୟ ସାମଗ୍ରୀ ଲଦା ହୋଇଥାଏ, ମିଳିଗଲେ ଆହ୍ଲାଦ ଲାଭ ହୋଇଥାଏ ।

ସୁତରାଂ ଆମ୍ଭମାନଙ୍କୁ ଚେଷ୍ଟା କରିବା ଉଚିତ୍ ଆମ୍ଭେ ଏହି କୃପାର ଭାଗୀଦାର ହେବା ଏବଂ ଅଲ୍ଲାଃତାଲାଙ୍କ ପ୍ରୀତିଭାଜନ ଲାଭ କରିବାର ଜେହାଦରୁ କଦାପି ପଛରେ ରହିଯିବା ନାହିଁ । ଏହା ଏପରି ପ୍ରସଙ୍ଗ ଯାହାକୁ ବାରମ୍ବାର ଶୁଣି ବୁଝିବା ଜରୁରୀ । ଅତଏବ ଏଥି ସଂକ୍ରାନ୍ତରେ ମୁଁ ହଜରତ ମସିହ ମଉଦ [ଅ.ସ]ଙ୍କର କିଛି ଅମୂଲ୍ୟ ହିତବାଣୀ ଉପସ୍ଥାପନ କରି ଦେଉଛି ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଯେପରି ଆମର ସାଂସାରିକ ଜୀବନର ପ୍ରତ୍ୟେକ କାର୍ଯ୍ୟର କିଛି ନା କିଛି ପରିଣାମ ସୁନିଶ୍ଚିତ ରୂପେ ପ୍ରକାଶ ପାଇଥାଏ । ସେହିପରି ଧର୍ମ ପ୍ରସଙ୍ଗରେ ମଧ୍ୟ ସମାନ ନିୟମ ପ୍ରଚଳିତ । ପରମେଶ୍ୱର ଏହି ଦୁଇ ଉଦାହରଣ ମାଧ୍ୟମରେ ସ୍ୱଷ୍ଟ ରୂପେ ଦର୍ଶାଇ ଦେଇଛନ୍ତି ଯେ ଯେଉଁମାନେ ଏହି କାର୍ଯ୍ୟ ସମ୍ପାଦନ କଲେ

ସେମାନେ ନିଜ ସୃଷ୍ଟିକର୍ତ୍ତାଙ୍କ ଅନୁସନ୍ଧାନ କରିବାରେ ପୁରା ପୁରା ଉଦ୍ୟମ କଲେ । ତେବେ ଏହି କାର୍ଯ୍ୟର ପ୍ରତିକ୍ରିୟା ସ୍ୱରୂପ ଆମ ଉପରେ ଅନିବାର୍ଯ୍ୟ ହେବ ଯେ ଆମ୍ଭେ ତାହାକୁ ନିଜର ମାର୍ଗଦର୍ଶନ କରେଇବୁ । ଯେଉଁ ଲୋକମାନେ ଦୁଷ୍ଟତା ପ୍ରଦର୍ଶନ କଲେ ଏବଂ ସତ୍‌ପଥର ପଥିକ ହେବାକୁ ପସନ୍ଦ କଲେ ନାହିଁ । ତେବେ ପରିଣାମ ସ୍ୱରୂପ ଆମ୍ଭେ ସେମାନଙ୍କ ହୃଦୟକୁ କୁଟିଳ ଓ ଶକ୍ତ କରିଦେବୁ ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଭିନ୍ନ ଭିନ୍ନ କିସମର ଅବସ୍ଥା ଦ୍ୱାରା ମନୁଷ୍ୟ ହୃଦୟରେ ପ୍ରଭାବିତ ହୋଇଥାଏ । ଶେଷରେ ପରମେଶ୍ୱର ପବିତ୍ର ଆତ୍ମାଗୁଡ଼ିକର ଦୁର୍ବଳତା ଦୂର କରିଥାନ୍ତି । ପବିତ୍ରତା ଓ ପୁଣ୍ୟର ସାମର୍ଥ୍ୟ ନିଜର ଭଲ ପାଇବା ରୂପେ ପ୍ରଭୁ ତାହାକୁ ପ୍ରଦାନ କରିଥାନ୍ତି । ଆଉ ଏକ ସ୍ଥାନରେ ଆପଣ[ଅ.ସ] କୁହନ୍ତି; ଯେ ଆମ ପଥରେ ଉଦ୍ୟମ (ଜେହାଦ୍) କରିବ ଆମ୍ଭେ ତାହାକୁ ନିଜ ପଥ ପ୍ରଦର୍ଶନ କରାଇବୁ । ଏହା ପରମେଶ୍ୱରଙ୍କର ଅଙ୍ଗୀକାର । ଏପଟେ ସେ ଏହି ଦୁଆ ଶିଖାଇଲେ, ଇହ୍‌ଦିନା ସିରାତଲ୍ ସୁସ୍ତକିମ୍ ତେଣୁ ମନୁଷ୍ୟ ପକ୍ଷେ ଏହା ଆବଶ୍ୟକ ଯେ ସେ ତାହାକୁ ନିଜ ସମ୍ମୁଖରେ ରଖି ଅତି ଆତୁରତାର ସହ ନମାଜ ପାଠ କରୁ ଏବଂ ଆଶା ବାନ୍ଧୁ ଯେ ସେ ସେହି ଲୋକମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଯାଉ ଯେ ଉନ୍ନତି ଓ ଦିବ୍ୟଜ୍ଞାନ ହାସଲ କରି ସାରିଛନ୍ତି ।

କାଦିୟାନର ଏକ ଘଟଣା କେହି ଜଣେ ବର୍ଣ୍ଣନା କରିଛନ୍ତି ଯେ ଏକଦା ହଜରତ ମସିହ ମଉଦ [ଅ.ସ]ଙ୍କର ଜଣେ ସାହାବୀ ମସଜିଦ୍ ମୁବାରକର ଏକ କୋଣରେ ଛିଡ଼ା ହୋଇ ନମାଜରେ ଅତି ଆତୁରତାର ସହିତ ଦୁଆ ପାଠ କରି ଚାଲିଥିଲେ । ଯେତେବେଳେ ଧ୍ୟାନ ପୂର୍ବକ ଶୁଣାଗଲା ସେତେବେଳେ ସେ ଏହି ଦୁଆ ବାରମ୍ବାର ପୁନରାବୃତ୍ତି କରୁଥିଲେ ଇହ୍‌ଦିନା ସିରାତଲ୍ ସୁସ୍ତକିମ୍ ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଯେପରି ସାଂସାରିକ ବ୍ୟାପାରମାନ ରହିଛି, ପ୍ରତ୍ୟେକ କ୍ଷେତ୍ରରେ ମନୁଷ୍ୟକୁ କିଛି ନା କିଛି କରିବାକୁ ପଡ଼ିଥାଏ । ଯେତେବେଳେ ସେ ନିଜର ହାତଗୋଡକୁ ଗତିଶୀଳ କରାଏ ସେତେବେଳେ ପରମେଶ୍ୱର ମଧ୍ୟ ପ୍ରତିଫଳ ସ୍ୱରୂପ ସେଥିରେ ବରକତ୍ ରଖି ଦିଅନ୍ତି । ଏହିପରି ପରମେଶ୍ୱରଙ୍କ ମାର୍ଗରେ ସେହି ଲୋକମାନେ ଉଚ୍ଚ ଆସନରେ ବିରାଜିତ ହୋଇଥାନ୍ତି ଯେ ପରିଶ୍ରମ ଓ ଅଧ୍ୟବସାୟ (ମୁଜାହିଦା) କରିଥାନ୍ତି... ଆପଣ[ଅ.ସ] କୁହନ୍ତି; ଅଲ୍ଲାଃତାଲାଙ୍କୁ ହାସଲ କରିବା ନିମନ୍ତେ ପରିଶ୍ରମ କରିବା ଅନିବାର୍ଯ୍ୟ । ଯେପରି ବୀଜ ରୋପଣ କରିବା ପରେ ଚେଷ୍ଟା ଓ ଜଳ ସିଂଚନ ବ୍ୟତୀତ ଅଙ୍କୁରୋଦ୍‌ଗମ ହୋଇ ନଥାଏ ବରଂ ନଷ୍ଟ ହୋଇଯାଇଥାଏ । ସେହିପରି ତୁମେମାନେ ମଧ୍ୟ ଯଦି ନିଜର ସାକ୍ଷ୍ୟକୁ ପ୍ରତିଦିନ ସ୍ମରଣ କରିବ ନାହିଁ ଏବଂ ଦୁଆ ଭିକ୍ଷା କରିବ ନାହିଁ । ତେବେ ପ୍ରଭୁଙ୍କ କୃପା ତୁମ ଉପରେ କଦାପି ଅବତୀର୍ଣ୍ଣ ହେବ ନାହିଁ ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; وَالَّذِيْنَ جَاهَدُوْا فِيْنَا ଏହି ଆୟତରେ ଏଥିପ୍ରତି ଇଙ୍ଗିତ ରହିଛି । ଯାହାକି ସତ୍‌ପଥର ସନ୍ଧାନ କରିବା ସକାଶେ ମନୁଷ୍ୟକୁ ନିର୍ଦ୍ଦେଶ ଦିଆଯାଇଛି କି ସେ ତାହାର ପାଳନ କରୁ । ଏପରି ନକରୁ ଯେ, ଯଦି ଭୂମଧ୍ୟସ୍ଥ ଜଳ ୨୦ଫୁଟ୍ ତଳେ ରହିଛି ଏବଂ ସେ ମାତ୍ର ୧୦ହାତ ଖନନ କରିବା ପରେ ସାହସ ହାରିଦିଏ... ଦେଖ ଲୋକେ ସାଂସାରିକ ଚିନ୍ତାରେ କେତେ ଦୁଃଖକଷ୍ଟ ସହ୍ୟ କରିଥାନ୍ତି, **ଏପରିକି କେତେକ ତ ସଂସାର ପ୍ରାପ୍ତିରେ ନିଜର ସର୍ବସ୍ୱ ସାରି ଶେଷରେ ଏହି ଇହଧାମରୁ ବାହୁଡ଼ି ଯାଇଥାନ୍ତି କିନ୍ତୁ ପରମେଶ୍ୱରଙ୍କ ସକାଶେ ଗୋଟିଏ (ସାମନ୍ୟ) କଣ୍ଟା ମଧ୍ୟ ବରଦାସ୍ତ କରିବାକୁ ପସନ୍ଦ କରି ନଥାନ୍ତି ।**

ଅଲ୍ଲାଃତାଲା କୁହନ୍ତି; ଆମ ପଥରେ ଚେଷ୍ଟା ଓ ଅଧ୍ୟବସାୟ କରିବା ବ୍ୟକ୍ତି (ନିଶ୍ଚୟ) ସତ୍‌ପଥ ପ୍ରାପ୍ତି କରିବ । ଏହାର ଅର୍ଥ ଏହିକି ଯେ ଅବତାରଙ୍କ ସହିତ ମିଶି ଚେଷ୍ଟା ଓ ଅଧ୍ୟବସାୟ କରିବାକୁ ହେବ । **ମାତ୍ର ଘଣ୍ଟାଏ ଅବା ଦୁଇ ଘଣ୍ଟା ଚେଷ୍ଟା କରି ଉକ୍ତ ମାର୍ଗରୁ ପୃଥକ ହୋଇଯିବା ଅଥବା ପଳାୟନ କରିବା ମୁଜାହିଦା ନୁହେଁ ।**

ପୁନଶ୍ଚ ନିଜ ଦୋଷତ୍ରୁଟିର ସ୍ୱୀକାର କରି କ୍ଷମା ଯାଚନା ପ୍ରତି ଧ୍ୟାନ ଆକର୍ଷିତ କରି ଆପଣ[ଅ.ସ] କୁହନ୍ତି; ତୌବା ଓ ଅସ୍ତଗ୍‌ଫାର ଈଶ୍ୱର ପ୍ରାପ୍ତିର ମୂଳ... ସାହାବାମାନଙ୍କ ଜୀବନୀକୁ ଦେଖିନିଅ, କ'ଣ ସେମାନେ କେବଳ ନମାଜ ପାଠ

କରି ସେହି ଉଚ୍ଚ ଆସନ ହାସଲ କରି ନେଇଥିଲେ ? ନା ବରଂ ସେମାନେ ପରମେଶ୍ୱରଙ୍କ ପ୍ରୀତିଭାଜନ ଲାଭ କରିବା ସକାଶେ ନିଜ ଜୀବନ ଉତ୍ସର୍ଗ କରିବାକୁ ପରଓ୍ୱା (ଭୃକ୍ଷେପ) କଲେ ନାହିଁ ଏବଂ ଛେଳିମେଣ୍ଢା ପରି ବଳୀ ପଡ଼ିଗଲେ ତେବେ ଯାଇ ସେମାନଙ୍କୁ ଏହି ଆସନ ଓ ମର୍ଯ୍ୟାଦା ପ୍ରାପ୍ତ ହେଲା ।

ମନେରଖ ! ଦୁଆ ଏକ ମୃତ୍ୟୁ ଅଟେ ଏବଂ ଯେପରି ମୃତ୍ୟୁ ସମୟରେ ଏକ ବ୍ୟସ୍ତ ବିବତ୍ରର ଅବସ୍ଥା ଆଚ୍ଛାଦିତ ହୋଇ ଯାଇଥାଏ । ସେହିପରି ଦୁଆ ପାଇଁ ମଧ୍ୟ ସମାନ ବ୍ୟତିବ୍ୟସ୍ତ ଓ ଉତ୍କଣ୍ଠା ଉତ୍ପନ୍ନ କରିବା ଜରୁରୀ... ଏହା ମଧ୍ୟ ମନେରଖନ୍ତୁ ସର୍ବପ୍ରଥମ ଓ ସମସ୍ତ ଦୁଆର ମୂଳ ତଥା ଜରୁରୀ ଦୁଆ ଏହିକି ଯେ ମନୁଷ୍ୟ ନିଜକୁ ପାପସକ୍ତ ଜୀବନରୁ ପବିତ୍ରତା ଲାଭ କରିବା ସକାଶେ ଉଦ୍ୟମ କରୁ । ଅତଏବ ଯେତେବେଳେ ଏହି ପ୍ରାର୍ଥନା ସ୍ୱୀକାର ହୋଇଯିବ । ସେତେବେଳେ ମନୁଷ୍ୟ ସମସ୍ତ ପ୍ରକାରର ମନ୍ଦ ଓ ଅପବିତ୍ରତାରୁ ନିଜ ଇଷ୍ଟଦେବତା ସମ୍ମୁଖରେ ପବିତ୍ର ଓ ସ୍ୱଚ୍ଛ ହେବା ସାର ହୋଇଥାଏ । ତେବେ ଅନ୍ୟ ଦୁଆମାନ ଯାହାକି ମନୁଷ୍ୟର ଅନ୍ୟାନ୍ୟ ଅବଶ୍ୟକତା ପୂରଣ ସକାଶେ ସେ କରିଥାଏ, ତାହା ତାକୁ ଭିକ୍ଷା କରିବାକୁ ହିଁ ପଡ଼ି ନଥାଏ । କାରଣ ତାହା ଆପଣ ଛାଏଁ ଗୃହୀତ ହୋଇ ଚାଲିଥାଏ । ତେଣୁ କଠିନ ପରିଶ୍ରମ ଓ ଅଧ୍ୟବସାୟ ଯୋଗ୍ୟ ପ୍ରାର୍ଥନା ଏହିକି ଯେ ମନୁଷ୍ୟ ପାପରୁ ମୁକ୍ତି ପ୍ରାପ୍ତ କରିନେଉ... ପ୍ରାର୍ଥନା ମଧ୍ୟ ଏକ ମୁଜାହିଦା ଲୋଡ଼ି ଥାଏ । **ଯେଉଁ ବ୍ୟକ୍ତି ପ୍ରାର୍ଥନା କରିବାରେ ଅବହେଳା ପ୍ରଦର୍ଶନ କରେ ତାହାର ପ୍ରଭୁ ମଧ୍ୟ କୌଣସି ଖାତିର କରି ନଥାନ୍ତି ବରଂ ତା'ଠାରୁ ଦୂରତା ରକ୍ଷା କରିଥାନ୍ତି । ଶ୍ରୀଘତା ଓ ତ୍ୱରିତ ସ୍ୱଭାବ ଏଠାରେ ଫଳପ୍ରଦ ସାବ୍ୟସ୍ତ ହୋଇ ନଥାଏ ।** ଅଲ୍ଲାଃତାଲା ଆମମାନଙ୍କୁ ଏହି ସୁନ୍ଦର ଉପଦେଶାବଳୀ ଉପରେ କାର୍ଯ୍ୟକାରୀ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ଏହି ରମଜାନକୁ ସେ ଆମମାନଙ୍କ ସକାଶେ ନିଜ ସହିତ ଦୃଢ଼ ସମ୍ପର୍କ ସ୍ଥାପନକାରୀ ରୂପେ ସାବ୍ୟସ୍ତ କରିଦିଅନ୍ତୁ ।

ସଂସାରର ଅବସ୍ଥା ଯେପରି ଦିନକୁ ଦିନ ବିପଦ ସଙ୍କୁଳ ହୋଇ ଚାଲିଛି ସେଥିପାଇଁ ମଧ୍ୟ ପ୍ରାର୍ଥନା କରିବେ । ଅଲ୍ଲାଃତାଲା ସଂସାରକୁ ଧ୍ୱଂସ ହେବାରୁ ରକ୍ଷା କରନ୍ତୁ ଏବଂ ସେହି ପ୍ରମୂଖ ନେତାମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଯେପରି ସେମାନେ ନିଜ ସୃଷ୍ଟିକର୍ତ୍ତାଙ୍କୁ ଚିହ୍ନି ପାରିବେ ।

ପରିଶେଷରେ ପ୍ରିୟ ହଜୁର ଅନୱର[ଅ.ବ] କହିଲେ; ନମାଜ ଜୁମା ପରେ ମୁଁ ଏକ ୱେବ୍-ସାଇଟ୍ ଓ ମୋବାଇଲ୍ ଆପ୍‌ଲିକେଶନ୍‌ର ସୁଭାରମ୍ଭ କରିବ । ଯାହାକୁ ଆମ ଏମ୍.ଟି.ଏ ବିଭାଗ ପ୍ରସ୍ତୁତ କରିଛନ୍ତି । ସେଥିରେ ୩୧୩ ଜଣ ବଦରୀ ସାହାବୀମାନଙ୍କ ପ୍ରସଙ୍ଗରେ ମୋର ଖୁତବା ଜୁମାକୁ ଏକତ୍ରୀତ କରାଯାଇଛି । ଉକ୍ତ ୱେବ୍-ସାଇଟ୍ ମାଧ୍ୟମରେ ପାଠକଗଣ ବଦରୀ ସାହାବୀମାନଙ୍କ ପ୍ରସଙ୍ଗରେ ପ୍ରସ୍ତୁତ କରାଯାଇଥିବା ପ୍ରୋଫାଇଲ୍ ଅଧ୍ୟୟନ କରି ପାରିବେ । ପ୍ରତ୍ୟେକ ସାହାବାଙ୍କ ସଂକ୍ରାନ୍ତରେ ପ୍ରଶ୍ନୋତ୍ତର ସମ୍ବଳିତ କୁଇଜ୍‌ର ଏକ ସ୍ୱତନ୍ତ୍ର ବିଭାଗ ଉପଲବ୍ଧ ରହିଛି । ସେହିପରି ସେଥିରୁ ଉପକାରୀ ନକ୍ସା ଓ କଠିନ ଶବ୍ଦର ଆରବୀ ଉଚ୍ଚାରଣ ମଧ୍ୟ ଶୁଣା ଯାଇପାରିବ । ଅଲ୍ଲାଃତାଲା ଏହି ୱେବ୍-ସାଇଟ୍‌କୁ ଲୋକମାନଙ୍କ ସକାଶେ ଫଳପ୍ରଦ ସାବ୍ୟସ୍ତ କରନ୍ତୁ । ଆମିନ୍ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

8th April 2022